## ସଂକ୍ଷେପରେ

### ନିୟମିତ ହେଲେ ୪୫ ଶିକ୍ଷୟିତ୍ରୀଶିକ୍ଷକ

ସୋର, ୨୮।୮(ଡି.ଏନ.ଏ.): ସୋର ବ୍ଲକରେ ୨୦୧୩ ମସିହାରେ ବିଭିନ୍ନ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷା ସହାୟକ ଭାବେ ନିଯୁକ୍ତି ପାଇଥିବା ୪୫ ଶିକ୍ଷୟିତ୍ରୀ ଶିକ୍ଷକ ନିୟମିତ ହୋଇଛନ୍ତି। କରୋନା କଟକଣା ଗାଇଡଲାଇନ୍ ଅନୁସାରେ ସାମାଜିକ ଦୂରତା ରକ୍ଷା କରାଯାଇ ଓଡିଶା ପ୍ରାଥମିକ ଶିକ୍ଷକ ସଂଘ(ଏନ୍‌ପିଏସ୍)ର ସୋର ଶାଖା ସଭାପତି ମଧୁସୂଦନ ରାଉତଙ୍କ ପୌରୋହିତ୍ୟରେ ସୋର ପବ୍ଲିକ ସ୍କୁଲ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଏହି ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ବିଦ୍ୟାଳୟରେ ଏକ ଶୈଖିକ ପରିବେଶ ସୃଷ୍ଟି କରି ଶିକ୍ଷକ, ଶିକ୍ଷାର୍ଥୀ ଓ ଅଭିଭାବକଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରାଯାଇ ଶିକ୍ଷାଦାନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଗଙ୍ଗାଧର ବାରିକ, ଏସ୍‌କେ ଇମ୍‌ତାଜ୍ ମହମ୍ମଦ, ପ୍ରକାଶ ଚନ୍ଦ୍ର ନାୟକ, ମନୋଜ କୁମାର ଷଡ଼ଙ୍ଗୀ, କାର୍ତ୍ତିକେଶ୍ୱର ଦଳେଇ, ଉତ୍ପଳ ଲୋଚନ ମହାପାତ୍ର, ନାୟରଣ ନାୟକ, ଗଜେନ୍ଦ୍ର କୁମାର ସାହୁ, ରବିନାରାୟଣ ଦାସ ପ୍ରମୁଖ ପରିଚାଳନା କରିଥିଲେ। ମାନସ ରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

### ମହିଳାଙ୍କ ମୃତଦେହ ଜବତ

ଲଙ୍ଗଳେଶ୍ୱର, ୨୮।୮(ଡି.ଏନ.ଏ.)- ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଡଗରା ଗ୍ରାମର ଫରେଷ୍ଟ ଅଫିସ ପାଖରେ ଜଣେ ମହିଳାଙ୍କ ମୃତଦେହ ଜବତ ହୋଇଛି। ଅଳାଡ଼ିହା ଗ୍ରାମର ସୀତାରାମ ଆଦକଙ୍କ ସ୍ତ୍ରୀ ପ୍ରଭାତୀ (୫୦) ଙ୍କର ମାନସିକ ବିକୃତି ଥିଲା। ପୂର୍ବରୁ ସେ ବହୁଥର ଆତ୍ମହତ୍ୟା କରିବା ପାଇଁ ଉଦ୍ୟମ କରିଥିଲେ। ଶୁକ୍ରବାର ସେ ତାଙ୍କ ଡଗରା ଗ୍ରାମସ୍ଥିତ ବାପଘରକୁ ଯାଇଥିଲେ। ଘର ଲୋକ ଖୋଜାଖୋଜି କରି ନ ପାଇବାରୁ ପ୍ରଭାତୀଙ୍କ ମୃତଦେହ ଫରେଷ୍ଟ ଅଫିସ ପାଖ ଗଛରେ ଝୁଲୁଥିବା ଦେଖିଥିଲେ। ସ୍ଥାନୀୟ ଲୋକେ ଜାମକୁଣ୍ଡା ଫାଣ୍ଡିକୁ ଖବର ଦେଇଥିଲେ। ପରିବାର ଲୋକ ଏବଂ ଫାଣ୍ଡି ଅଧିକାରୀ ଶାରଦା ପ୍ରସନ୍ନ ମୁଦୁଲି ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପଠାଇଛନ୍ତି। ବାଲିଆପାଳ ଥାନାରେ ଅପମୃତ୍ୟୁ ମାମଲା (ନଂ. ୩୪ /୨୧) ରୁଜୁ ହୋଇଛି।

### ସ୍ପଷ୍ଟବାଦୀ ଥିଲେ ଭକ୍ତକିଶୋର

ଖଇରା, ୨୮।୮(ଡି.ଏନ.ଏ.)-ବାଲେଶ୍ୱର ଜିଲା ଖଇରା ମହାବିଦ୍ୟାଳୟର ସ୍ୱର୍ଗତ ଅଧାପକ ଭକ୍ତ କିଶୋର ମହାନ୍ତିଙ୍କ ୫ମ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ଏକ ସ୍ମୃତିସଭା ଶୁକ୍ରବାର ଖଇରାଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଭା ପରିବାର ଆନୁକୂଲ୍ୟରେ ଆୟୋଜିତ ସଭାରେ ସନାତନ ବେହେରା ପୌରୋହିତ୍ୟ କରିଥିଲେ। ପ୍ରଫେସର ଉମେଶ ଚନ୍ଦ୍ର ନାୟକ, ଡା ହରେକୃଷ୍ଣ ରାଉତ, ଜିତେନ୍ଦ୍ର କୁମାର ମହାନ୍ତି, ଧର୍ମପତ୍ନୀ ସବିରାରାଣୀ ମହାନ୍ତି, ବିଷ୍ଣୁପ୍ରସାଦ ମିଶ୍ର, ରଘୁନାଥ ପତ୍ରୀ, ଶଶିକାନ୍ତ ଦାସ, ଭାଗବତ ମହାନ୍ତି, ଅର୍ଚ୍ଚନା ରାଉତ, ଲୁଲା ସାହାଣୀ, ଚିନ୍ତାମଣି ସାହାଣି ପ୍ରମୁଖ ଯୋଗ ଦେଇଥିଲେ ସ୍ୱୟଂପ୍ରକାଶ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

### ବିଜେଡିର ସାଙ୍ଗଠନିକ ବୈଠକ

ଜଳେଶ୍ୱର, ୨୮।୮(ଡି.ଏନ.ଏ.)-ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧୀନ ମାକିଡିଆ ପଞ୍ଚାୟତର ଗୋପାଳ ପ୍ରସାଦ ଗାଁରେ ବିଜେଡିର ସାଙ୍ଗଠନିକ ବୈଠକ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ମନ୍ମଥ ଖଟୁଆ ସଭାପତିତ୍ୱ କରିଥିଲେ। ବିଧାୟକ ଅଶ୍ୱିନୀ କୁମାର ପାତ୍ର ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟରେ ଆକର୍ଷିତ ହୋଇ ଅନ୍ୟ ଦଳର କର୍ମୀ ଓ ଜନସାଧାରଣ ବିଜେଡିରେ ସାମିଲ ହେଉଛନ୍ତି ବୋଲି କହିଥିଲେ। ରାଜ୍ୟର କେବଳ ୧୧୨ଟି ସହରାଞ୍ଚଳ ନୁହେଁ ପ୍ରାୟ ୫୦ହଜାରରୁ ଅଧିକ ଗ୍ରାମରେ ବିଭିନ୍ନ ବିକାଶ କାର୍ଯ୍ୟ ଚାଲୁ ରହିଛି। ବଜେଟର ୭୦ଭାଗ ଅର୍ଥ ଗ୍ରାମାଞ୍ଚଳରେ ଖର୍ଚ୍ଚ ହେଉଥିବା ସେ କହିଥିଲେ। ଗ୍ରାମର ହିମାଂଶୁ ପ୍ରଧାନ, ଅନନ୍ତ ଅଧିକାରୀ, ସୁଧାନନ୍ଦ ଘୋଷ, ସମୀର ଘଡେଇ, ରାଧାକାନ୍ତ ଘୋଷ ପ୍ରମୁଖଙ୍କ ନେତୃତ୍ୱରେ ଗାଁର କଂଗ୍ରେସ କର୍ମୀମାନେ ଯୋଗ ଦେଇଥିଲେ। ଏଥିରେ ମାନସ କୁମାର ଜେନା, ପୂର୍ବତନ ବ୍ଲକ ଅଧକ୍ଷ ତପନ ଦାସ, ପୂର୍ବତନ ଉପାଧକ୍ଷ ରାଧାକାନ୍ତ ଘୋଷ, ମଧୁସୂଦନ ସେନାପତି, ଯତୀନ୍ଦ୍ର ମହାନ୍ତି, ବ୍ଲକ ସଭାପତି ଭୂପତି ମିର୍ଦ୍ଧା, ଦିଲୀପ ସାମଲ, ସତ୍ୟଶୋଭନ ମିଶ୍ର, ଭାରପ୍ରାପ୍ତ ସରପଞ୍ଚ ବାସନ୍ତୀ ପାତ୍ର, ଜିଲାପରିଷଦ ସଭ୍ୟା ରଙ୍ଗଲତା ଆଚାର୍ଯ୍ୟ ପ୍ରମୁଖ ବକ୍ତବ୍ୟ ଦେଇଥିଲେ।

# କିଷାନସଭା କାର୍ଡ ନାମରେ ଠକେଇ

ବାହାନଗା, ୨୮।୮(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକରେ କିଷାନ ସଭା କାର୍ଡ ନାମରେ ଚାଲିଛି ଠକେଇ। କାର୍ଡ କରୁଥିବା ଯୁବକଙ୍କୁ ଗ୍ରାମବାସୀ ଘେରିଛନ୍ତି। ସୋର ଥାନା ପୋଲିସ ପହଞ୍ଚି ଯୁବକଙ୍କୁ ଗ୍ରାମବାସୀଙ୍କ କବଳରୁ ଉଦ୍ଧାର କରିଛି। ନୀଳଗିରି ଅଞ୍ଚଳର ତରତୁଆ ଗ୍ରାମର ପ୍ରକାଶ ପ୍ରଧାନ ନାମକ ଯୁବକ ବାହାନଗା ବ୍ଲକ ପଥରପେଣ୍ଠ ପଞ୍ଚାୟତରେ ପହଞ୍ଚି ୩ ମାସ ପୂର୍ବରୁ କିଷାନ ସଭା କାର୍ଡ କରି ଦେବାକୁ କହି ଲୋକଙ୍କଠାରୁ ୧ଶହ ଟଙ୍କା ଲେଖାଏଁ ଆଦାୟ କରିଥିଲେ। କିଛି ଦିନ ପରେ ପ୍ରକାଶ ପଥରପେଣ୍ଠ ଗ୍ରାମକୁ ଆସି ପ୍ରଥମେ ପର୍ଯ୍ୟାୟରେ କେତେଜଣ ଲୋକଙ୍କୁ କିଷାନ ସଭା କାର୍ଡ ବା ଫାର୍ମର ମେମ୍ବରସିପ୍ କାର୍ଡ ପ୍ରଦାନ କରିଥିଲେ। ଲୋକଙ୍କଠାରୁ ଫର୍ମ ପୂରଣ କରି ୧ ଶହ ଟଙ୍କା ଲେଖାଏଁ ନେବା ବେଳେ ସେମାନଙ୍କୁ ବି କ୍ଲାସ ମେମ୍ବର ଲେଖାଯାଇଥିବା ଓ ଓଡିଶା ଷ୍ଟେଟ ଲେବର କୋ- ଅପରେଟିଭ



ଗ୍ରାମବାସୀଙ୍କୁ ମିଳିଥିବା କାର୍ଡ ଓ ରସିଦ୍।

ସୋସାଇଟି ଲେଖା ଥିବା ରସିଦ୍ ପ୍ରଦାନ କରିଥିଲେ । ଟଙ୍କା ନେବା ବେଳେ ପ୍ରଶାନ୍ତ କହିଥିଲେ କାର୍ଡ ଦେଖାଇଲେ ଧାନ ବିକ୍ରି କରିପାରିବେ ଓ ବିଭିନ୍ନ କୃଷି ସମ୍ବନ୍ଧୀୟ ସୁବିଧାମାନ ସରକାରଙ୍କଠାରୁ ପାଇପାରିବେ। ଏହା ଶୁଣି ଲୋକମାନେ ଶହେ ଟଙ୍କା ଲେଖାଏଁ ପଞ୍ଚାୟତର ୬ଶହ ପରିବାର ଦେଇଥିଲେ। ମାତ୍ର କାର୍ଡ ପାଇଥିବା ବ୍ୟକ୍ତିମାନେ ଧାନ ବିକ୍ରି ବେଳେ ସମିତିକୁ ନେଇ ଦେଖାଇଲା ବେଳକୁ ସେମାନେ କି କାର୍ଡ କଣ କହି ଫେରାଇ ଦେବା ପରେ ଲୋକେ ଲକ୍ଷାଧିକ ଟଙ୍କା ଠକାମିରେ ପଡିଥିବା ଜାଣିବାକୁ ପାଇ ଟଙ୍କା ନେଇଥିବା ଯୁବକଙ୍କୁ ନ ପାଇ ଚୁପ୍ ରହିଥିଲେ। ଦୀର୍ଘଦିନ ପରେ ଶନିବାର ପ୍ରଶାନ୍ତ ପଥରପେଣ୍ଠ ପଞ୍ଚାୟତର ରାଇମୋହନ ସାହିରେ ପହଞ୍ଚି ନୂତନ କାର୍ଡ କରିବା

#### ଯୁବକଙ୍କୁ ଘେରିଲେ ଗ୍ରାମବାସୀ

ପାଇଁ କଥାବାର୍ତ୍ତା କରୁଥିବା ବେଳେ ପୂର୍ବରୁ କାର୍ଡ ପାଇଥିବା ବ୍ୟକ୍ତିମାନେ କୌଣସି ସୁବିଧା ମିଳୁ ନାହିଁ କହିବା ସହିତ କାର୍ଡ ନେଇ ଆମ ଟଙ୍କା ଫେରାଅ ବୋଲି ଦାବି କରିବାରୁ ସେ କିଛି ଲୋକଙ୍କୁ ଟଙ୍କା ଫେରାଇ ଦେବ ବୋଲି ପ୍ରକାଶ କରିଥିଲେ। ଏହି ଖବର ପଥରପେଣ୍ଠ ଗ୍ରାମସାରା ପ୍ରଚାର ହୋଇଯାଇଥିଲା । ଟଙ୍କା ଫେରସ୍ତ କରାଯାଉଥିବା ଶୁଣି କାର୍ଡ ପୂର୍ବରୁ ପାଇଥିବା ଲୋକମାନେ ସେଠାରେ ରୁଣ୍ଡ ହୋଇ ଟଙ୍କା ଫେରସ୍ତ କରିବା ପାଇଁ ଜିଦ୍ କରି ପ୍ରଶାନ୍ତଙ୍କୁ ଅଟକ ରଖିଥିଲେ । ସୋର ପୋଲିସ ଅପରାହ୍ନରେ ଗ୍ରାମରେ ପହଞ୍ଚି ପ୍ରଶାନ୍ତଙ୍କୁ ଗ୍ରାମବାସୀଙ୍କ କବଳରୁ ଉଦ୍ଧାର କରି ସୋର ଥାନାକୁ ନେଇଯାଇଥିଲେ । ଏନେଇ ଥାନାରେ କେହି ଅଭିଯୋଗ କରି ନ ଥିବା ଜଣାପଡିଛି ।

# ରକ୍ତଦାନ କଲେ ୨୦୧ ମହିଳା

ଖଇରା, ୨୮।୮(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଖଇରା ପ୍ରାଥମିକ ବିଦ୍ୟାଳୟ ପରିସରରେ ଶନିବାର ମହିଳା ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଆଳି ବିଧାୟକ ତଥା ବାଲେଶ୍ୱରର ବିଜେଡି ପର୍ଯ୍ୟବେକ୍ଷକ ପ୍ରତାପ କେଶରୀ ଦେବ, ସ୍ଥାନୀୟ ବିଧାୟକ ତଥା ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ରାଜ୍ୟ କାର୍ଯ୍ୟକାରିଣୀ ସଭାପତି ସୁବାସିନୀ ଜେନା ଏହାକୁ ଉଦ୍‌ଘାଟନ କରିଥିଲେ । ବିଭିନ୍ନ ପଞ୍ଚାୟତରୁ ମୋଟ ୨୦୧ମହିଳା ରକ୍ତଦାନ କରିଥିଲେ । ଓଡିଶା ମୋ ପରିବାର ଆନୁକୂଲ୍ୟରେ ଆୟୋଜିତ ଶିବିରରେ ସମସ୍ତ ରକ୍ତଦାତାଙ୍କୁ ଶାଢୀ ଓ ମାନପତ୍ର ବଣ୍ଟନ କରାଯାଇଥିଲା। ଜୀବନବିନ୍ଦୁ କାର୍ଯ୍ୟକ୍ରମ ସଂଯୋଜକ ପ୍ରହ୍ଲାଦ ପତି, ଜିଲା ମହିଳା ସଭାପତି ବିନ୍ଦୁବାଳା ନନ୍ଦୀ, ଖଇରା ବ୍ଲକ ମହିଳା ସଭାପତି ରଶ୍ମିତା ମହାପାତ୍ର, ଜିଲା ପରିଷଦ ସଭ୍ୟା ସୁଷମା ମହାପାତ୍ର, କଳ୍ପନା ନାଇକ, ଲୋପାମୁଦ୍ରା ଧର ଓ ଜୟନ୍ତୀ ମହଲା ପ୍ରମୁଖ ସହଯୋଗ କରିଥିଲେ।


ଶିବିର ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥି।

# 'କେନ୍ଦ୍ର ଯୋଜନା ସମ୍ପର୍କରେ ସଚେତନ କର'



କାର୍ଯ୍ୟକାରିଣୀ ବୈଠକରେ ଭାଜପା କର୍ମକର୍ତ୍ତା।

ଖଇରା, ୨୮।୮(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ତୁଡିଗଡିଆଠାରେ ଭାଜପାର ମଣ୍ଡଳସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମଣ୍ଡଳ ସଭାପତି ମହେଶ୍ୱର ନାଥ ଅଧକ୍ଷତା କରିଥିଲେ। ବୈଠକରେ ପୂର୍ବତନ ମନ୍ତ୍ରୀ ପଦ୍ମଲୋଚନ ପଣ୍ଡା, ଜିଲା ସାଧାରଣ ସଧାରଣ ସମ୍ପାଦକ ଈଶ୍ୱର

#### ତୁଡିଗଡିଆରେ ଭାଜପାର ମଣ୍ଡଳ କାର୍ଯ୍ୟକାରିଣୀ

ଚନ୍ଦ୍ର ବେହେରା, ପ୍ରଭାରୀ ଶୁଭଙ୍କର ମହାପାତ୍ର, ଜିଲା ଉପସଭାପତି ମିନାକ୍ଷୀ ମହାପାତ୍ର, ଯୁବନେତା ନୀଳମାଧବ ପଣ୍ଡା ପ୍ରମୁଖ ଯୋଗଦେଇ ପଞ୍ଚାୟତ ନିର୍ବାଚନ ପାଇଁ କର୍ମୀମାନେ ଏକ ମନ ଏକ ପ୍ରାଣରେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗଗନଧୂଳି ପଞ୍ଚାୟତ ସରପଞ୍ଚ ପ୍ରତିନିଧି ଦାମୋଦର ଦାସ, ଡାଲଙ୍ଗ ସମିତିସଭ୍ୟ ମନୋଜ ଦାସ, ଗଗନଧୂଳି ସମିତିସଭ୍ୟ ମନୋଜ ବେହେରା, ନନ୍ଦୁର ସରପଞ୍ଚ ସୁରେନ୍ଦ୍ର ବେହେରା, କୈଳାସ ମାଝୀ, ଜିଲା କାର୍ଯ୍ୟକାରିଣୀ ସଭ୍ୟ ମଧୁସୂଦନ ଜେନା ପ୍ରମୁଖ ଯୋଗଦେଇ କେନ୍ଦ୍ରୀୟ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବାକୁ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ।

# କରୋନା ପ୍ରଭାବିତଙ୍କୁ ଶାଢ଼ି, ମାସ୍କ ବଣ୍ଟନ

ବାଲିଆପାଳ/ଲଙ୍ଗଳେଶ୍ୱର, ୨୮।୮(ସ୍ୱ.ପ୍ର./ଡି.ଏନ.ଏ.)

ବାଲିଆପାଳ ବରିଷ୍ଠ ଖବରଦାତା, ଆଦର୍ଶ ଶିକ୍ଷକ ତଥା ସାମାଜିକ କର୍ମୀ ସ୍ୱର୍ଗତ ପ୍ରଣବ କୁମାର ସାହୁଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଶୁକ୍ରବାର ଖପରାପଦାସ୍ଥିତ ବାସଭବନରେ ଅନ୍ତ୍ୟୋଦୟ ଚେତନା ମଣ୍ଡଳ ରଙ୍ଗାମାଟିଆ ମୟୂରଭଞ୍ଜ ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ କରୋନା ପ୍ରଭାବିତ ବିଧବା ଏବଂ ଭିନ୍ନକ୍ଷମ ମହିଳାଙ୍କୁ ଶାଢୀ, ମାସ୍କ ଏବଂ ଗାନ୍ଧୀଜୀଙ୍କ ଜୀବନ କଥା ପୁସ୍ତକ ପ୍ରଦାନ କରାଯାଇଛି। ଅନ୍ତ୍ୟୋଦୟ ଚେତନା ମଣ୍ଡଳ ରଙ୍ଗାମାଟିଆ ଚକ୍ଷୁ ଚିକିତ୍ସାଳୟର ପ୍ରତିଷ୍ଠାତା ତଥା ମୁଖ୍ୟ ଆଦିତ୍ୟ ପଟ୍ଟନାୟକ, ରମାଶଶି ମହାପାତ୍ର, ସୌଦାମିନୀ ପରିଡ଼ା, ପୁଷ୍ପାଞ୍ଜଳି ମହାପାତ୍ର, ଲକ୍ଷ୍ମଣ ମୁର୍ମୁ, ଖବରଦାତା ସନ୍ନ୍ୟାସୀ ବେହେରା ପ୍ରମୁଖ ଯୋଗଦେଇଥିଲେ। ପରିବାର ପକ୍ଷରୁ ସ୍ୱର୍ଗତ ପ୍ରଣବ ସାହୁଙ୍କ ପିତା ବରିଷ୍ଠ ନାଗରିକ ପରିଷଦ ସଭାପତି ଶିକ୍ଷାବିତ୍ ନାରାୟଣ ପ୍ରସାଦ ସାହୁ, ମା' ବିଷ୍ଣୁପ୍ରିୟା ସାହୁ, ଧର୍ମପତ୍ନୀ ମମତାରାଣୀ ସାହୁ ଏବଂ ଏକମାତ୍ର ପୁଅ ସତ୍ୟବ୍ରତ ସାହୁ ବିଧବା, ଭିନ୍ନକ୍ଷମ ମହିଳାଙ୍କୁ ଶାଢି, ମାସ୍କ, ଇତ୍ୟାଦି ବଣ୍ଟନ କରିଥିଲେ।

# ଟ୍ରେନ୍ ଧକ୍କାରେ ସିଗ୍‌ନାଲ ଇନ୍ସପେକ୍ଟରଙ୍କ ମୃତ୍ୟୁ

ଜଳେଶ୍ୱର, ୨୮।୮(ଡି.ଏନ.ଏ.)

ଶନିବାର ଭୋର ସମୟରେ ବାଲେଶ୍ୱର ଜିଲା ଜଳେଶ୍ୱର ରେଳଷ୍ଟେଶନର ୨ନଂ.ପ୍ଲାଟଫର୍ମ ରେଳଧାରଣାରେ ଅଚଳ ସିଗ୍‌ନାଲ ପଏଣ୍ଟକୁ ଇନ୍ସପେକ୍ଟର ବାବୁଲାଲ ହେମ୍ବ୍ରମ (୪୦) ମରାମତି କରୁଥିବା ବେଳେ ଟ୍ରେନ ଚାଲିଆସିବାରୁ କଟିଯାଇ ତାଙ୍କର ମୃତ୍ୟୁ ଘଟିଛି।

ବର୍ଷା ଲାଗି ରହିଥିବାରୁ ଟ୍ରେନ୍ ଆସୁଥିବା ସେ ଜାଣି ପାରି ନ ଥିଲେ। ଏକ ମାଲବାହୀ ଗାଡ଼ି ଡାଉନ୍‌ଲାଇନ୍‌ରେ ଆସି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ବାବୁଲାଲ୍‌ଙ୍କ ଶରୀର ଦୁଇ ଖଣ୍ଡ ହୋଇଯାଇଥିଲା ବୋଲି ରେଳ ବିଭାଗ ସୂତ୍ରରୁ ଜଣାପଡିଛି। ସେ ଦୀର୍ଘ ୧ବର୍ଷ ଧରି ସିଗ୍‌ନାଲ ଇନ୍ସପେକ୍ଟର ଭାବେ କାର୍ଯ୍ୟରତ ଥିଲେ। ତାଙ୍କ ଘର ମୟୂରଭଞ୍ଜ ଜିଲାର ମଙ୍ଗଳପୁର ଗାଁରେ। ତାଙ୍କର ଜଣେ ପୁଅ ଓ ଝିଅ


ବାବୁଲାଲ ହେମ୍ବ୍ରମ।

ଅଛନ୍ତି। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିବାରୁ ଜିଆର୍‌ପି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କ ହସ୍ତାନ୍ତର କରିଛି। ଆଇନ ଅନୁଯାୟୀ ତାଙ୍କ ପରିବାରକୁ ସୁବିଧା ସୁଯୋଗ ଯୋଗାଇ ଦେବାକୁ ସ୍ଥାନୀୟ ରେଳ କର୍ମଚାରୀ ଓ ରେଳ ସଂଘ ପକ୍ଷରୁ ଦାବି କରାଯାଇଛି।

# କଲେଜ ପାଚେରି ଭଙ୍ଗା ନେଇ ଥାନାରେ ଅଭିଯୋଗ



କେନ୍ଦୁଝର, ୨୮।୮ (ସ୍ୱ.ପ୍ର.)

ସ୍ଥାନୀୟ ଧରଣୀଧର ମହାବିଦ୍ୟାଳୟର ପାଚେରି ଭଙ୍ଗାକୁ ନେଇ ବିବାଦ ଥମୁ ନାହିଁ। ଉକ୍ତ ପାଚେରୀକୁ ତାଙ୍କ ବିନା ଅନୁମତିରେ ଭଙ୍ଗା ଯାଇଥିବା ଅଧକ୍ଷ ଡକ୍ଟର ନରେନ୍ଦ୍ର ସାହୁ କହୁଥିବାବେଳେ ଏ ନେଇ ଶନିବାର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ଚିଠି (ନଂ.୧୪୭୯ ତା ୨୮।୮।୨୦୨୧)ରେ ଅଧକ୍ଷ ଟାଉନଥାନାରେ ପୌରପାଳିକାଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଛନ୍ତି। ଗତ କିଛି ଦିନ ତଳେ ଡିଡି କଲେଜ ମୁଖ୍ୟ ଗେଟ ନିକଟରେ ( ସାତସିଙ୍ଗା ଗ୍ରାମରେ) ପାଚେରି ଭଙ୍ଗା ହେବା ଫଳରେ ବିବାଦ ଦେଖାଦେଇଥିଲା। ଏହି ପାଚେରି ପୌରପାଳିକା ପକ୍ଷରୁ ଭଙ୍ଗା ଯାଇଥିବା ଏବଂ ଏହା ପଛ ପାଖରେ ଥିବା ଜମି ମାଲିକଙ୍କ ଯାତାୟାତ ସୁବିଧା ପାଇଁ ଭଙ୍ଗା ଯାଇଥିବା ନେଇ ଅଭିଯୋଗ ହୋଇଥିଲା। ତେବେ ଏ ନେଇ କଲେଜ ଅଧକ୍ଷ କହିଥିଲେ ଯେ, ଉକ୍ତ ପାଚେରି ଭାଙ୍ଗିବା ନେଇ ତାଙ୍କୁ କୌଣସି ନୋଟିସ୍ କରାଯାଇନାହିଁ କିମ୍ବା କୌଣସି ଅନୁମତି ନିଆଯାଇନାହିଁ। ଶନିବାର ଉକ୍ତ ସ୍ଥାନରେ କେତେକ ଲୋକ ପାଚେରି ନିର୍ମାଣ କରୁଥିବା ଜାଣିବା ପରେ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ପହଞ୍ଚି କାମ ବନ୍ଦ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ଗୋଚର ଜମିରେ ଅସହାୟ ୨୨ ପରିବାର

ଜଳେଶ୍ୱର, ୨୮।୮(ଡି.ଏନ.ଏ.)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକରେ ବହୁ ଯୋଗ୍ୟ ହିତାଧିକାରୀ ବିଭିନ୍ନ କାରଣରୁ ଆବାସ ଯୋଜନାରୁ ବଞ୍ଚିତ ହେଉଛନ୍ତି। ରାଇବଣିଆ ଅଞ୍ଚଳ ମାକିଡିଆ ପଞ୍ଚାୟତର ଗୋପାଳ ପ୍ରସାଦ ଗାଁରେ ୨୨ଟି ପରିବାର ଏକ ସାହି କରି ଦୀର୍ଘ ୭୦/୮୦ବର୍ଷ ଧରି ବଂଶାନୁକ୍ରମିକ ଭାବେ ସରକାରୀ ଜାଗାରେ ରହି ଆସୁଛନ୍ତି। ସମସ୍ତେ ଖଟିଖିଆ ମଜୁରିଆ ହୋଇଥିବାରୁ କାହା ଘର ଉପରେ ପଲିଥିନ ପଡ଼ିଛି ତ ଆଉ କାହାର ନଡ଼ା ଛପର। ପ୍ରତ୍ୟେକଙ୍କ ଘରେ ବର୍ଷାପାଣି ପଡୁଥିବା ବେଳେ କାହା ଘରୁ ଦିନରେ ଖରା ଓ ରାତିରେ ତରା ଦେଖାଯାଏ। ଏମାନେ ଦୀର୍ଘବର୍ଷ ଧରି ଇନ୍ଦିରା ଆବାସ, ପ୍ରଧାନମନ୍ତ୍ରୀ ଆବାସ, ବିଜୁ ପକ୍କାଘର ଲାଗି ଆବେଦନ କରି ଥକିଗଲେଣି, ଏମାନଙ୍କୁ ଏଯାଏ ଆବାସ ଯୋଜନାରେ ଘର ଖଣ୍ଡିଏ ମିଳିପାରୁନି।

ସରକାରୀଙ୍କ ନୀତି ନିୟମ ଅନୁଯାୟୀ



ଆବାସ ଯୋଗାଇ ଦେବାକୁ ଲୋକେ ଦାବି କରୁଛନ୍ତି।

ଆବାଦଯୋଗ୍ୟ ଅନାବାଦୀ ହେଲେ ତାହା ବଣ୍ଟନ କରାଯାଇପାରିବ। ଗତ ଗୁରୁବାର ସେହି ଗାଁରେ ୱାର୍ଡ ସଦସ୍ୟା ଚମ୍ପାବତୀ କଟୁଆଳଙ୍କ ନେତୃତ୍ୱରେ ଗଙ୍ଗାଧର କଟୁଆଳ, ଜୟନାରାୟଣ ବର୍ଷାଳ, ରବୀନ୍ଦ୍ର ବର୍ଷାଳ, ମାଳତୀ ବର୍ଷାଳ, ସନ୍ଧ୍ୟା ବର୍ଷାଳ, ସୁଶୀଲ କଟୁଆଳ ପ୍ରମୁଖ ଯାଇ ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ରଙ୍କୁ

#### ଆବେଦନ କରି ଥକିଗଲେଣି

ସବିଶେଷ କହିଥିଲେ। ସରକାରଙ୍କ ନୀତି ନିୟମ ଜଣାଇବା ସହ ଅନାବାଦୀ ସ୍ଥାନ ସମ୍ପର୍କରେ ବିଧାୟକ ପଚାରି ବୁଝିଥିଲେ। ଏପରି ଭୂମିହୀନ ବ୍ୟକ୍ତିଙ୍କୁ ସରକାରୀ ସ୍ଥାନ ଯୋଗାଇବା ସହିତ ଆବାସ ଯୋଜନାରେ ଗୃହ ମିଳିବା ସମ୍ପର୍କରେ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ପ୍ରତ୍ୟେକଙ୍କ ରାଶନକାର୍ଡ଼ ଥିଲେ ମଧ୍ୟ ଜୟନାରାୟଣ ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି । ରାଇବଣିଆ ଅଞ୍ଚଳ ଆଦିବାସୀ ଅଧୁଷିତ ହୋଇଥିବାରୁ ସେ ଅଞ୍ଚଳର ଲୋକଙ୍କ ସମ୍ପର୍କରେ ସର୍ଭେ କରାଯାଇ ଗୃହହୀନ ଓ ଭୂମୀହିନ ଲୋକଙ୍କୁ ସୁବିଧା ସୁଯୋଗ ଯୋଗାଇବାକୁ ଦାବି ହେଉଛି।

# କେନ୍ଦୁଝରରେ ପ୍ରିୟ ବିଦେଶୀଙ୍କ ନାଲି ଚା'

କେନ୍ଦୁଝର, ୨୮।୮(ସ୍ୱ.ପ୍ର.)

କେନ୍ଦୁଝର ସହରର ବିଭିନ୍ନ ସାହି ଗଳିରେ ଚା' ଦୋକାନ ଖୋଲିଛି। କିନ୍ତୁ ସିନେମା ହଲ ନିକଟରେରେ ଥିବା ବିଦେଶୀ ନାୟକ(୭୧)ଙ୍କ ଚା' ଦୋକାନରୁ ଚା'ପିଇବାରମଜା ଅଲଗା। ଏଥିପାଇଁ ସକାଳ ଓ ସନ୍ଧ୍ୟାରେ ଭିଡ ଜମିଥାଏ। ଚାକିରିଆ ଲୋକଙ୍କ ଠାରୁ ଆରମ୍ଭ କରି ସାଧାରଣ ଲୋକଙ୍କ ପସନ୍ଦ ତାଙ୍କ ହାତ ତିଆରି ନାଲି ଚା'। ମାତ୍ର ୫ ଟଙ୍କା ବିଭିନ୍ନ ପ୍ରକାରର ମସଲାରେ ତିଆରି ନାଲି ଚା'ପିଇବା ପାଇଁ ବିଭିନ୍ନ ସ୍ଥାନରୁ ଲୋକ ଆସିଥାନ୍ତି ।

ବିଦେଶୀ ଦୀର୍ଘ ୫୦ ବର୍ଷ ହେଲା ଉକ୍ତ ସ୍ଥାନରେ ପ୍ରଥମେ ଜଳଖିଆ ଓ ପରେ ଏହି ଛୋଟ ଚା' ଦୋକାନ କରି ଲୋକଙ୍କୁ ସେବା


ଦୋକାନରେ ବିଦେଶୀ ନାୟକ।

ଯୋଗାଇ ଆସୁଛନ୍ତି। ଘରେ କହିଲେ ତାଙ୍କ ସ୍ତ୍ରୀ ପ୍ରମିଳା ନାୟକ ଅଛନ୍ତି। ସେ ତାଙ୍କର ଦୁଇ ଶିଶୁ ପୁତ୍ରଙ୍କୁ ହରାଇବା ପରେ ଏକାକୀ ସ୍ୱାମୀ ସ୍ତ୍ରୀ ଦୁଇଜଣ ଗୌରତୋଟାସାହିରେ ରହିଆସୁଛନ୍ତି। ବିଦେଶୀ ବାର୍ଦ୍ଧକ୍ୟ ଭତ୍ତା ପାଉଥିଲେ ହେଁ ତାଙ୍କ ସ୍ତ୍ରୀଙ୍କୁ ଏଯାଏ ଭତ୍ତା ମିଳିନାହିଁ। ଏଣୁ ଏହି ବୟସରେ ମଧ୍ୟ ଦୁଇ ପଇସା ରୋଜଗାର କରିବା ସହ ଲୋକଙ୍କ ସହିତ ସମୟ କଟାଉଛନ୍ତି। ତାଙ୍କର ସରଳ ଓ ଶାନ୍ତ ବ୍ୟବହାର ସମସ୍ତଙ୍କୁ ଆକୃଷ୍ଟ କରିଥାଏ। ଏଣୁ ତାଙ୍କ ହାତରୁ କପେ ଚା' ପିଇବା ପାଇଁ ସକାଳ ସନ୍ଧ୍ୟାରେ ଧନୀଗରୀବ, ପିଲା ଓ ବୁଢା, ଚାକିରିଆ ହେଉବା ଅବସରନେଇଥିବା ଲୋକ ସମସ୍ତେ ଚାଲିଚାଲି ବା ଗାଡ଼ିରେ ଆସିଥାନ୍ତି। ଦିନେ ଦୋକାନ ବନ୍ଦ ହେଲେ ଲୋକ ମାନେ ଆସି ନିରାଶ ହୋଇ ଫେରିଯାଆନ୍ତି । ଏଠାରେ ଅନେକ ଚା' ପିଇବା ସହ ଗପସପ କରିଥାନ୍ତି। ଦୀର୍ଘ ବର୍ଷ ଧରି ଜଳଖିଆ ଦୋକାନ କରିବା ପରେ ଏବେ ଚା' ଦୋକାନ କରିଥିବା କହିଛନ୍ତି। ଲୋକଙ୍କ ଆବଶ୍ୟକ ମୁତାବକ ନାଲି ତଥା କ୍ଷୀର ଚା' ପ୍ରସ୍ତୁତ କରି ଦେଇଥାନ୍ତି। ଆଗରୁ ସେଭଳି କେହି ନାଲି ଚା' ପିଇବାକୁ ପସନ୍ଦ କରୁ ନ ଥିଲେ। କିନ୍ତୁ କରୋନା ମହାମାରୀ ବ୍ୟାପିବା ପରେ ଗତ ବର୍ଷରୁ ନାଲି ଚା'ର ଚାହିଦା ବଢିଯାଇଛି। ନାଲି ଚା'ର ଡିମାଣ୍ଡ ବଢ଼ିଯାଇଛି। ବୟସ ହୋଇଗଲାଣି । ଏଣୁ ଆଉ କିଛି ବ୍ୟବସାୟ କରିବାକୁ ଆଗ୍ରହ ନାହିଁ । କିନ୍ତୁ ବଳବୟସ ଥିବା ପର୍ଯ୍ୟନ୍ତ ଲୋକଙ୍କୁ ଚା' ପିଆଇବି ବୋଲି ସେ କୁହନ୍ତି । ସ୍ଥାନୀୟ ବରିଷ୍ଠ ଖବରଦାତା ଜୟକୃଷ୍ଣ ପଣ୍ଡା କୁହନ୍ତି, ପିଲା ଦିନରୁ ତାଙ୍କୁ ଦେଖିଆସୁଛୁ । ବହୁତ ଭଲ ଜଳଖିଆ ପ୍ରସ୍ତୁତ କରନ୍ତି। ଏବେ ମଧ୍ୟ ବରାଦ କଲେ ଘରେ ମିଠା ପ୍ରସ୍ତୁତ କରି ଦେଇଥାନ୍ତି। ତେବେ ତାଙ୍କର ହାତ ପ୍ରସ୍ତୁତ ଚା'ର ନିଆରା ସ୍ୱାଦ ପାଇଁ ବହୁ ଲୋକ ଆସିଥାନ୍ତି।

# ବେତନଟୀ ବ୍ଲକ କଂଗ୍ରେସ କର୍ମକର୍ତ୍ତାଙ୍କ ନାମ ଘୋଷଣା

ବୈଶିଙ୍ଗା, ୨୮।୮(ଡି.ଏନ.ଏ.)

ମୟୂରଭଞ୍ଜ ଜିଲାର ବେତନଟୀ ବ୍ଲକ କଂଗ୍ରେସ କମିଟିର କର୍ମକର୍ତ୍ତା ଘୋଷଣା କରାଯାଇଛି। ଯୁବ ସଂଗଠକ କୁଶଧର ବେହେରାଙ୍କୁ ବେତନଟୀ ବ୍ଲକ କଂଗ୍ରେସର ସଭାପତି ଭାବେ ନିଯୁକ୍ତ କରାଯାଇଛି। ସେହିପରି ବୈଶିଙ୍ଗା ଅଞ୍ଚଳର ଯୁବ ସଂଗଠକ ଦିଲୀପ କୁମାର ନାୟକଙ୍କୁ ଜିଲା ଓବିସି ସେଲର ସଭାପତି ଭାବେ ନିଯୁକ୍ତି ଦିଆଯାଇଥିବା ଜିଲା କଂଗ୍ରେସ ସଭାପତି ହେମନ୍ତ ଦାସ ସୂଚନା ଦେଇଛନ୍ତି।

## ଆଜି କ'ଣ କେଉଁଠି

ବାଲେଶ୍ୱର

- ସ୍ୱଚ୍ଛତା ପକ୍ଷ ପାଳନ। ସ୍ଥାନ: ରୂପସା ନୀଳମଣି ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦ମିନିଟ୍।

## ଫକୀରମୋହନ ବିଶ୍ୱବିଦ୍ୟାଳୟ ୟୁଜି ଫାଇନାଲ ସେମିଷ୍ଟର ଫଳ ପ୍ରକାଶିତ

ବାଲେଶ୍ୱର ଅଫିସ, ୨୮।୮-ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ୟୁଜି ଫାଇନାଲ ସେମିଷ୍ଟର-୨୦୨୧ର ଫଳ ଶନିବାର ଅପରାହ୍ନ ୪ଟା ସମୟରେ ପ୍ରକାଶ ପାଇଛି। ଏଥିରେ ସମୁଦାୟ ୯୧.୭୯% ଉତ୍ତୀର୍ଣ୍ଣ ହୋଇଛନ୍ତି। ସେଥିମଧ୍ୟରୁ କଳାରେ ୯୪.୬୫%, ବିଜ୍ଞାନରେ ୮୮.୧୦% ଓ ବାଣିଜ୍ୟରେ ୮୧.୦୯% ସଫଳତା ଲାଭ କରିଛନ୍ତି। ଛାତ୍ରଛାତ୍ରୀମାନେ ସେମାନଙ୍କ ପରୀକ୍ଷାଫଳ www.orissaresults.nic.in ମାଧ୍ୟମରେ ଦେଖିପାରିବେ।

## ମଦ ଦୋକାନ ଫାଟକରୁ ଝୁଲନ୍ତା ମୃତଦେହ ଜବତ

ବାଲେଶ୍ୱର ଅଫିସ, ୨୮।୮-ବାଲେଶ୍ୱର ଷ୍ଟେଶନଛକ ନିକଟସ୍ଥ ଏକ ସରକାରୀ ଲାଇସେନ୍ସପ୍ରାପ୍ତ ବିଦେଶୀ ମଦ ଦୋକାନ ଫାଟକରୁ ଶନିବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରାଯାଇଛି। ସହଦେବଖୁଣ୍ଟା ମଡ଼େଲ ଥାନା ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ସିସିଟିଭି ଫୁଟେଜ୍ ଆଧାରରୁ ଜଣାପଡ଼ିଛି ଯେ, ଯୁବକଜଣକ ଶୁକ୍ରବାର ରାତି ପ୍ରାୟ ୧ଟା ବେଳେ ଉକ୍ତ ଫାଟକ ନିକଟରେ ପହଞ୍ଚିଥିଲେ। ଆଗ ଓ ପଛକୁ ଦେଖିବା ପରେ ଫାଟକ ନିକଟକୁ ଯାଇ ନିଜ ଶାର୍ଟ ଖୋଲି ଚିରିଦେଇଥିଲେ। ପରେ ଉକ୍ତ ଶାର୍ଟର ଗୋଟିଏ ପାଖକୁ ନିଜ ବେକରେ ବାନ୍ଧି ଦେଇ ଅନ୍ୟ ପଟକୁ ଗେଟ୍‌ରେ ଚଢ଼ି ବାନ୍ଧିଥିଲେ। ପରେ ତଳକୁ ଓହଳି ପଡ଼ିଥିଲା। ଏହାପରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

## ବିବାହ ପ୍ରଲୋଭନ ଦେଖାଇ ବିବାହିତାଙ୍କୁ ବଳାତ୍କାର ଅଭିଯୁକ୍ତ ଜେଲ୍ ଗଲେ

ରୂପସା, ୨୮।୮(ଡି.ଏନ.ଏ.)-ବାଲେଶ୍ୱର ସଦର ବ୍ଲକ ବସ୍ତା ଥାନା ଅଞ୍ଚଳର ଜଣେ ସଂଖ୍ୟାଲଘୁ ସମ୍ପ୍ରଦାୟର ବିବାହିତା ମହିଳାଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ଶୁକ୍ରବାର ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଖଣ୍ଡାହାର ଗ୍ରାମର ନରୋତ୍ତମ ସାହୁ। ମହିଳାଙ୍କର ୭ ବର୍ଷର ପୁଅ ଅଛି। ୫ବର୍ଷ ହେବ ପୁଅ ସହ ମହିଳା ଜଣକ ବାପଘରେ ରହିଆସୁଛନ୍ତି। ମହିଳାଙ୍କୁ ବିବାହ ପ୍ରଲୋଭନ ଦେଖାଇ ଅଭିଯୁକ୍ତ ଯୁବକ ୬ ମାସ ହେଲା ଶାରୀରିକ ସମ୍ପର୍କ ରଖିଆସୁଥିବା ଏତଲାରେ ଦର୍ଶାଯାଇଛି। ଗତ ୨୩ ତାରିଖରେ ଘରେ କେହି ନ ଥିବା ସୁଯୋଗ ନେଇ ନରୋତ୍ତମ ବଳାତ୍କାର କରିବାରୁ ପୀଡ଼ିତା ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ମାମଲା (ନଂ. ୨୫୪/୨୧) ରୁଜୁ କରିଥିଲା। ଉଭୟଙ୍କ ଡାକ୍ତରୀମାଇନା ପରେ ଶନିବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିଲା।

## ବିଦ୍ୟାଳୟ ପରିସରରେ ଚାରାରୋପଣ

ବାଲେଶ୍ୱର ଅଫିସ,୨୮।୮-ବାଲେଶ୍ୱର ବାଲିଆସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସଭାଗୃହରେ ଭାରତୀୟ ମଜଦୁର ସଂଘ (ବିଏମ୍ଏସ୍) ତରଫରୁ ଶନିବାର 'ବିଶ୍ୱ ପର୍ଯ୍ୟାବରଣ ଦିବସ' ପାଳନ କରାଯାଇଛି। ଉତ୍ସବରେ ଶକୁନ୍ତଳା ଗୋଚ୍ଛାୟତ ସଭାପତିତ୍ୱ କରିଥିବା ବେଳେ ଉପେନ୍ଦ୍ରନାଥ ପାତ୍ର ମୁଖ୍ୟଅତିଥି ଏବଂ ରୂପେଶ୍ କୁମାର ସାମଲ ସମ୍ମାନନୀୟ ଅତିଥି ଭାବେ ବିଶ୍ୱର ଅସନ୍ତୁଳିତ ବାୟୁମଣ୍ଡଳ ଏବଂ ସମାଜ ଉପରେ ଏହାର କୁପ୍ରଭାବର ଭୟାବହତା ଉପରେ ଆଲୋଚନା କରି ଉଦ୍‌ବେଗ ପ୍ରକାଶ କରିଥିଲେ। ସରସ୍ୱତୀ ଶିଶୁମନ୍ଦିର ପରିସରରେ ଅତିଥିମାନେ 'ଚାରାରୋପଣ' କରି ସଂଘ ତରଫରୁ ନିଆଯାଇଥିବା ମେଗା ବୃକ୍ଷରୋପଣ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ।

## ସାପ କାମୁଡାରେ ଯୁବକଙ୍କ ମୃତ୍ୟୁ

ସୋର,୨୮।୮ (ଡି.ଏନ୍.ଏ.): ସୋର ଥାନା ଶିଙ୍ଗାଖୁଣ୍ଟା ପଞ୍ଚାୟତ ଶିମିଳିଖୋଲ ଗ୍ରାମର ଦୀପକ ସିଂ ନାମକ ଯୁବକ ଶୁକ୍ରବାର ରାତିରେ ଶୋଇଥିବା ବେଳେ ଏକ ବିଷଧର ସାପ କାମୁଡାରେ ପ୍ରାଣ ହରାଇଛନ୍ତି। ସେ ହଠାତ୍ ଉଠି ଯନ୍ତ୍ରଣାରେ ଛଟପଟ ହୋଇଥିଲେ। ପରିବାର ଲୋକେ ତାଙ୍କୁ ସୋର ଡାକ୍ତରଖାନାକୁ ଆଣିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଏନେଇ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ବାଲେଶ୍ୱର, ବାରିପଦା ଗସ୍ତ



ସମ୍ବର୍ଦ୍ଧନା ସଭାରେ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ ଡ. ଏସ୍. ମୁରଲୀଧର ଓ ଅନ୍ୟ ଅତିଥିମାନେ।

- 'ବିଚାରାଧୀନ ମାମଲାର ପରିଚାଳନାକୁ ତ୍ୱରାନ୍ୱିତ କର'
- ବାଲେଶ୍ୱରରେ ଇ-ଟ୍ରେନିଂ ପ୍ରୋଗ୍ରାମ୍ ଉଦ୍‌ଘାଟିତ
- ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି

**ବାଲେଶ୍ୱର ଅଫିସ, ୨୮।୮**

ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଡ. ଏସ୍. ମୁରଲୀଧର ଶନିବାର ବାଲେଶ୍ୱର ଓ ବାରିପଦା ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ପୂର୍ବାହ୍ନରେ ବାଲେଶ୍ୱରଠାରେ ବାଲେଶ୍ୱର, ଭଦ୍ରକ ଏବଂ ମୟୂରଭଞ୍ଜ ଜିଲାର ୪୦ଜଣ ଆଇନଜୀବୀଙ୍କୁ ନେଇ ଚାଲିଥିବା ଇ-ଟ୍ରେନିଂ ପ୍ରୋଗ୍ରାମ୍‌କୁ ସେ ଉଦ୍‌ଘାଟନ କରିଥିଲେ। ଜଷ୍ଟିସ ମୁରଲୀଧର ଓ ବାଲେଶ୍ୱର ବିଚାର ବିଭାଗ ଦାୟିତ୍ୱରେ ଥିବା ହାଇକୋର୍ଟ ବିଚାରପତି ଦେବବ୍ରତ ଦାଶ ଅଦାଲତ ପରିସରସ୍ଥ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ବାର୍ ଆସୋସିଏଶନର ସଦସ୍ୟମାନେ ଦୁଇ ବିଚାରପତିଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ।

ଆୟୋଜିତ ସମ୍ବର୍ଦ୍ଧନା ସଭାରେ ବାଲେଶ୍ୱର ବାର୍ ଆସୋସିଏଶନ ସଭାପତି ମନୋଜ ନାୟକ ଅଧ୍ୟକ୍ଷତା କରି ନ୍ୟାୟ ସେବା କ୍ଷେତ୍ରରେ ଆଇନଜୀବୀମାନେ ସମ୍ମୁଖୀନ ହୋଇଥିବା ବିଭିନ୍ନ ସମସ୍ୟା ସହ ନ୍ୟାୟିକ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବା ସମ୍ପର୍କରେ ଆଲୋଚନା କରିଥିଲେ। ଦୀର୍ଘଦିନ ଧରି ଖାଲିପଡ଼ିଥିବା ବିଚାରପତି ପଦବୀ ପୂରଣ, ହାଇକୋର୍ଟରେ ସ୍ଥାୟୀ ସର୍କିଟ୍ ବେଞ୍ଚ ପ୍ରତିଷ୍ଠା, ଆୟ ବହିର୍ଭୂତ ସମ୍ପତ୍ତିର ବିଚାରାଧୀନ କୋର୍ଟ (ଡିଏ), ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ଆଇନ ସେବାର ଉପଯୋଗ, ୪ମାସ ପୂର୍ବରୁ ଉଠିଯାଇଥିବା ଜମି ଅଧିଗ୍ରହଣ କୋର୍ଟର ପୁନଃ ପ୍ରତିଷ୍ଠା, ଆଇନଜୀବୀଙ୍କ ନିମନ୍ତେ ଅତ୍ୟାଧୁନିକ ସୁବିଧା ସୁଯୋଗ ସମ୍ବଳିତ ସ୍ୱତନ୍ତ୍ର ବାର୍ ହଲ ନିର୍ମାଣ ଭଳି ଦାବି ଉପସ୍ଥାପନା କରିଥିଲେ। ଏସବୁ ଦାବି ଶୁଣିବା ପରେ ଜଷ୍ଟିସ ମୁରଲୀଧର ବାଲେଶ୍ୱରର ଆଇନଜୀବୀମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ଥିବା ବେଳେ ସେଗୁଡ଼ିକର ସମାଧାନ ପାଇଁ ଯତ୍ନବାନ ହେବା ଲାଗି ପ୍ରତିଶ୍ରୁତି ଦେଇଥିଲେ। ଏଥି ସହ ବିଚାରାଧୀନ ମାମଲାର ପରିଚାଳନାକୁ ତ୍ୱରାନ୍ୱିତ ପାଇଁ ବିଚାର ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ସମେତ ଆଇନଜୀବୀଙ୍କ ସହଯୋଗ କାମନା କରିଥିଲେ। ଆଇନଜୀବୀଙ୍କ ପାଇଁ ବାର ଏକ୍ସୁଡ଼ିଶାଳ ହୋଇଥିବା ବେଳେ ବାର୍‌ର ଉନ୍ନତିରେ ହିଁ ଆଇନଜୀବୀଙ୍କ ଦକ୍ଷତା ବୃଦ୍ଧି ହୋଇଥାଏ । ତେବେ ବିଚାର ପ୍ରକ୍ରିୟାରେ ଆଇନଜୀବୀମାନେ ପ୍ରମୁଖ ଅଙ୍ଗ ହୋଇଥିବା ବେଳେ ତ୍ୱରିତ ନ୍ୟାୟ ପ୍ରଦାନ ଏବଂ ମହକିଲମାନଙ୍କୁ ଅଦାଲତ କାର୍ଯ୍ୟଧାରାରୁ ମୁକ୍ତ କରିବା ଲାଗି ବିଚାରପତି ଏବଂ ବିଭାଗୀୟ କର୍ମଚାରୀଙ୍କ ସହ ସମନ୍ୱୟ ରକ୍ଷା ପୂର୍ବକ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ହାଇକୋର୍ଟ ବିଚାରପତି ଦାଶ ଏହି ଅବସରରେ ଉପସ୍ଥିତ ରହି ପ୍ରଯୁକ୍ତି ବିଦ୍ୟା ସମ୍ବଳିତ ମାମଲା ପରିଚାଳନା ସମ୍ପର୍କରେ ଆଲୋଚନା କରିଥିଲେ। ବାଲେଶ୍ୱରରେ ଆଇନଜୀବୀଙ୍କ ପାଇଁ ସମସ୍ତ ପ୍ରକାର ଅତ୍ୟାଧୁନିକ ବ୍ୟବସ୍ଥା ଗ୍ରହଣ କରାଯାଉଥିବା ସେ ସୂଚନା ଦେଇଥିଲେ । କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲା ଓ ଦୌରାଜଜ୍ ହିରଣ୍ମୟ ବିଶୋୟୀ ଉପସ୍ଥିତ ଥିଲେ। ବାର୍ ଆସୋସିଏଶନ ସମ୍ପାଦକ ସମ୍ବିତ କୁମାର ନନ୍ଦୀ ଧନ୍ୟବାଦ ଦେଇଥିଲେ।

### ଡିଜିଟାଲ ଟେକ୍ନୋଲୋଜି ଆପଣାଇବାକୁ ପରାମର୍ଶ

**ବାରିପଦା ଅଫିସ**

ଶନିବାର ମଧ୍ୟାହ୍ନରେ ଜଷ୍ଟିସ୍ ଏସ୍. ମୁରଲୀଧର ଓ ଜଜ୍ ବି.ପି.ରାଉତରାୟ ବାଲେଶ୍ୱରରୁ ବାରିପଦା ଗସ୍ତ କରିଥିଲେ। ସେ ବାରିପଦାସ୍ଥିତ ବିଭିନ୍ନ କୋର୍ଟ ବୁଲି ଦେଖିବା ସହ ଜିଲାଜଜ୍ ପ୍ରଦୀପ କୁମାର ପଟ୍ଟନାୟକ ଓ ଜିଲା ସିଭିଲ କୋର୍ଟ ରେଜିଷ୍ଟ୍ରାର ସୁଦୀପ କୁମାର ଦାସଙ୍କ ସହିତ ମାମଲା ପରିଚାଳନା କାର୍ଯ୍ୟର ସମୀକ୍ଷା କରିଛନ୍ତି।

ଏହି ଅବସରରେ ଜିଲା ଓକିଲ ସଂଘ ହଲ୍‌ରେ ସଂଘ ସଭାପତି ପ୍ରବୀର କୁମାର ବସାଙ୍କ ଅଧ୍ୟକ୍ଷତାରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଜଷ୍ଟିସ୍ ମୁରଲୀଧର ଓ ବିଚାରପତି ବି.ପି.ରାଉତରାୟ ପ୍ରମୁଖ ଯୋଗ ଦେଇଥିଲେ । ଓଡିଶାର ବହୁ ପୁରାତନ କୋର୍ଟ ମଧ୍ୟରୁ ବାରିପଦା କୋର୍ଟ ଅନ୍ୟତମ। ଏହାର ଐତିହାସିକ କୋଠାରେ ରାଜାରାଜୁଡାମାନେ ଲୋକଙ୍କୁ ନ୍ୟାୟ ପ୍ରଦାନ କରୁଥିବା ବେଳେ ପ୍ରଜାବତ୍ସଳ ରାଜାମାନେ ଲୋକଙ୍କ ପାଇଁ ଅନେକ ଆଇନ ପ୍ରଣୟନ କରିଥିଲେ। ଏହିପରି ଏକ ଐତିହ୍ୟପୂର୍ଣ୍ଣ କୋଠା ଏବଂ କାର୍ଯ୍ୟାଳୟ ଗୃହକୁ ଜଷ୍ଟିସ ମୁରଲୀଧର ପ୍ରଶଂସା କରିବା ସହ କୋଠାର ରକ୍ଷଣାବେକ୍ଷଣ ଉପରେ ମଧ ଚିନ୍ତାପ୍ରକଟ କରିଛନ୍ତି। ଆଜିର ଯୁଗରେ ଡିଜିଟାଲ ଟେକ୍ନୋଲୋଜିକୁ କିଭଳି ଭାବେ ଆପଣାଇ କାର୍ଯ୍ୟ କରାଯାଇପାରିବ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। ପରେ ଓକିଲ ସଂଘର ଲାଇବ୍ରେରୀକୁ ବୁଲି ଦେଖିବା ସହ ବରିଷ୍ଠ ଆଇନଜୀବୀଙ୍କ ସହିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରି ସଂଘକୁ ପ୍ରଶଂସା କରିଥିଲେ । ମୁଖ୍ୟ ବିଚାରପତିଙ୍କୁ ନିକଟରେ ପାଇ ଆଇନଜୀବୀମାନେ ଭାବବିହ୍ୱଳ ହେବା ସହ ବିଭିନ୍ନ ଆଇନଗତ କାର୍ଯ୍ୟ ସମ୍ପର୍କରେ ଦୃଷ୍ଟିପାତ କରିଥିଲେ। ଏହି ଅବସରରେ ଜିଲା ସଂଘ ପକ୍ଷରୁ ନୂତନ କୋର୍ଟ ଗୃହ ନିର୍ମାଣ ପାଇଁ ଦାବିପତ୍ର ପ୍ରଦାନ କରାଯାଇଛି। ଆଇନଜୀବୀ ବିଷ୍ଣୁ ପ୍ରସାଦ ଦାସ ଅତିଥି ପରିଚୟ ଓ ଓକିଲ ସଂଘର ସମ୍ପାଦକ ବସନ୍ତ ଭୋଳ ଧନ୍ୟବାଦ ଅର୍ପଣ କରିଥିଲେ।

## ସିଇଡି ଅଫିସ୍‌ରେ ଭଙ୍ଗାରୁଜା, କର୍ମଚାରୀଙ୍କୁ ମାଡ଼

**ବାଲେଶ୍ୱର ଅଫିସ, ୨୮।୮**

ବାଲେଶ୍ୱର ସହଦେବଖୁଣ୍ଟା ମଡ଼େଲ ଥାନା ଅଧୀନ ବାଲିଆରେ ଥିବା ଟିପି ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍‌ର ସେଣ୍ଟ୍ରାଲ ଇଲେକ୍ଟ୍ରି ଡିଭିଜନ୍ (ସିଇଡି)ରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କ ଉପରେ ୩୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆକ୍ରମଣ କରିଥିବା ସହଦେବଖୁଣ୍ଟା ଥାନାରେ ଅଭିଯୋଗ ହୋଇଛି। ଏନେଇ ଥାନାରେ ମାମଲା (ନଂ. ୨୪୧/୨୧) ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ବେଳେ କୌଣସି ଅଭିଯୁକ୍ତଙ୍କୁ ଗିରଫ କରାଯାଇ ନ ଥିବା ଥାନା ସବ୍‌ଇନ୍ସପେକ୍ଟର ବିରଞ୍ଚି ସାହୁ ପ୍ରକାଶ କରିଛନ୍ତି।

ଅଭିଯୋଗରେ ଦର୍ଶାଯାଇଛି ଯେ, ନେସ୍କୋରେ ଥିବା ଠିକାଦାରମାନେ ବିଭିନ୍ନ ବିଦ୍ୟୁତ୍ ଜନିତ ଟେଣ୍ଡର ନ ପାଇବା ପରେ ଉତ୍କ୍ଷିପ୍ତ ହୋଇ ଶୁକ୍ରବାର ଅପରାହ୍ନରେ ଏଭଳି କାଣ୍ଡ ଘଟାଇଛନ୍ତି। ସେମାନେ ସିଇଡି ଅଫିସ୍ ଭିତରେ ପଶି ପାଟିତୁଣ୍ଡ କରିଥିଲେ। ବିଭିନ୍ନ ଖରାପ ଭାଷାରେ ଗାଳିଗୁଲଜ କରିବା ସହ ଅଫିସ୍ ଭିତରେ ଥିବା ଲାପଟପ୍, ଆସବାବପତ୍ର ନଷ୍ଟ କରିବା ସହ ଲିଡ୍ ଇଞ୍ଜିନିୟର ବିଶ୍ୱଜିତ୍ ଦାସ ଓ ଶୁଭବ୍ରତ ଦେଙ୍କୁ ମାରପିଟ୍ କରିଥିଲେ। ଏପରିକି ଦାସଙ୍କ ପକେଟ୍‌ରେ ଥିବା ମନିପର୍ସରୁ ୪ହଜାର ଟଙ୍କା ଓ ଡେବିଟ୍ କାର୍ଡ଼ ନେଇଯାଇଛନ୍ତି। ଅଫିସ୍‌ରେ ଥିବା ଅନ୍ୟ ମହିଳା ଓ ପୁରୁଷ କର୍ମଚାରୀଙ୍କୁ ଗାଳିଗୁଲଜ କରିବା ସହ ଠେଲାପେଲା ମଧ୍ୟ କରିଥିବା ଅଭିଯୋଗ ହୋଇଛି। ଏନେଇ ସିଇଡ଼ିର ନିର୍ବାହୀଯନ୍ତ୍ରୀ ସିଦ୍ଧାର୍ଥ ଶଙ୍କର ରାୟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ରକ୍ତଦାନ ଶିବିର

**ବାଲେଶ୍ୱର ଅଫିସ, ୨୮।୮**

ବାଲେଶ୍ୱର ଜିଲା ରକ୍ତଭଣ୍ଡାରରେ ରକ୍ତର ଅଭାବକୁ ଆଖି ଆଗରେ ରଖି ଶନିବାର ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଶିବିରରୁ ମୋଟ୍ ୩୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ସଲିମ୍ ରାଜାଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଆଶିଷ ଘୋଷ, ସେକ ସାକିର୍, ହ୍ରିତିକ ନାୟକ, ଆନନ୍ଦ ସକୁନିୟା, ସେଖ୍ ସାମସା, ଇନାୟତ କାଦ୍ରି, ଇକବାଲ୍ ସେଖ୍, ଆଜମଲ ହୁସେନ ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ।


ଶିବିରରେ ଜଣେ ଯୁବକ ରକ୍ତଦାନ କରୁଛନ୍ତି।

## ପ୍ରଧାନମନ୍ତ୍ରୀ ଆବାସରେ ଅନିୟମିତତା ଅଭିଯୋଗ

**ବାଲେଶ୍ୱର ଅଫିସ, ୨୮।୮**

ବାଲେଶ୍ୱର ଜିଲା ସଦର ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଚୟନରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏନେଇ ସଦର ଭାଜପା ପକ୍ଷରୁ ୪ ଦଫା ସମ୍ବଳିତ ଏକ ଦାବିପତ୍ର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ଦିଆଯାଇଛି। ଦୁଇବର୍ଷ ଧରି ବ୍ଲକ ଏବଂ ଜିଲାପାଳଙ୍କ ବାକ୍ସରେ ପଡ଼ିଥିବା ଅଭିଯୋଗପତ୍ରକୁ ୩ଦିନ ଭିତରେ ଯାଞ୍ଚ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଚୟନ ପାଇଁ ସରକାରୀ ଅଧିକାରୀମାନେ ଯେଉଁଭଳି ତଦନ୍ତ କରୁଛନ୍ତି ତାହା ସନ୍ଦେହଜନକ। ଯେଉଁମାନେ ଚାଳଘରେ ପଲିଥିନ୍ ତଳେ ନିଜ ପରିବାର ନେଇ ରହୁଛନ୍ତି ସେମାନଙ୍କୁ ତଦନ୍ତ ଅଧିକାରୀମାନେ ଯୋଗ୍ୟ ତାଲିକାରୁ ବାଦ୍ ଦେଉଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଘୋଷଣା ଅନୁସାରେ ୨୦୨୨ ସୁଦ୍ଧା ସମସ୍ତ ପରିବାରର ମୁଣ୍ଡ ଉପରେ ପକ୍କା ଛାତ ସ୍ୱପ୍ନ ସ୍ୱପ୍ନରେ ରହିଯିବ ବୋଲି ଭାଜପା ଉଦ୍‌ବେଗ ପ୍ରକାଶ କରିଛି। ସାଧାରଣ ଗରିବ, ଖଟିଖିଆ, ଚାଷୀ ପରିବାରକୁ କିଭଳି ପ୍ରଧାନମନ୍ତ୍ରୀ ଆବାସ ମିଳିବ ସେଥିପାଇଁ ବୁଆଁଳ ପଞ୍ଚାୟତର ସମିତିସଭ୍ୟ ରବିନାରାୟଣ ମହାପାତ୍ରଙ୍କ ନେତୃତ୍ୱରେ ସମସ୍ତ ସରପଞ୍ଚ, ସମିତିସଭ୍ୟଙ୍କ ସହିତ ରାଜ୍ୟ ଯୁବମୋର୍ଚ୍ଚା ଉପସଭାପତି ମାନସ କୁମାର ଦତ୍ତ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ଆବାସଯୁକ୍ତ ତାଲିକାର ଯୋଗ୍ୟ ଓ ଅଯୋଗ୍ୟ ଚୟନ ଚିଠାକୁ ସାର୍ବଜନୀନ କରାଯିବା, ହିତାଧିକାରଙ୍କୁ ଆପତ୍ତି ପାଇଁ ୭ ଦିନ ସମୟ ଦିଆଯିବା, ୨ ବର୍ଷ ଧରି ଆବେଦନ କରାଯାଇଥିବା ଫର୍ମଗୁଡ଼ିକର ଯଥାଶୀଘ୍ର ତଦନ୍ତ କରି ଯୋଗ୍ୟ ହିତାଧିକାରୀମାନଙ୍କୁ ଯୋଜନାରେ ସାମିଲ କରାଯିବା, ପ୍ରଚଳିତ ନିୟମାବଳୀ ଅନୁଯାୟୀ ଯୋଗ୍ୟ ହିତାଧିକାରୀଙ୍କୁ ଯୋଜନାରେ ସାମିଲ କରାଯିବା, ଚୟନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରି ଶୀଘ୍ର କାର୍ଯ୍ୟାଦେଶ ବଣ୍ଟନ କରାଯିବା ଭଳି ଦାବି ରହିଛି। ଉକ୍ତ ପ୍ରତିନିଧି ଦଳରେ ସରପଞ୍ଚ ବିରୂପାକ୍ଷ ମହାପାତ୍ର, ଲମ୍ବୋଧର ପ୍ରଧାନ, ବାସନ୍ତୀ ବେହେରା, ସୁଭେଶ ନାୟକ, ଶ୍ରୀକାନ୍ତ ମହାପାତ୍ର, ଅନିତା ବେହେରା, ସର୍ବେଶ୍ୱର ମହାନ୍ତି, ରଶ୍ମିତା ମଣ୍ଡଳ, ସତ୍ୟଭାମା ରାଉତ, ଅମ୍ବିକା ବେହେରା ଓ ସାନିଆ ମୁର୍ମୁ, ସମିତିସଭ୍ୟ ବନିତା ଭୂୟାଁ, ଅନ୍ନପୂର୍ଣ୍ଣା ମଣ୍ଡଳ, ସାଗେନ ମାଝି ପ୍ରମୁଖ ଉପସ୍ଥିତ ଥିଲେ।


ଜିଲାପାଳଙ୍କ ସହ ଭାଜପା ପ୍ରତିନିଧି ଦଳ ଆଲୋଚନା କରୁଛନ୍ତି।

**ଭାଜପା ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର**

## 'ଲୋକାଭିମୁଖୀ ଯୋଜନାକୁ ତୃଣମୂଳସ୍ତରରେ ପହଞ୍ଚାଅ'

**ବାଲେଶ୍ୱର ଅଫିସ,୨୮।୮**

ବାଲେଶ୍ୱର ନିର୍ବାଚନମଣ୍ଡଳୀ ବିଜେଡି ପକ୍ଷରୁ ଶନିବାର ସ୍ଥାନୀୟ ବ୍ରିଟ କଲ୍ୟାଣ ମଣ୍ଡପରେ ଏକ କର୍ମୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ସ୍ୱରୂପ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ନବନିଯୁକ୍ତ ଜିଲା ପର୍ଯ୍ୟବେକ୍ଷକ ତଥା ଆଳିର ବିଧାୟକ ପ୍ରତାପ କେଶରୀ ଦେବଙ୍କୁ ସ୍ୱାଗତ କରାଯିବା ସହ ସମ୍ବର୍ଦ୍ଧିତ କରାଯାଇଥିଲା।

ବୈଠକରେ ସଦର ବ୍ଲକ ସଭାପତି ବସନ୍ତ ପଣ୍ଡା ସ୍ୱାଗତ ଭାଷଣ ଦେଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ଜିଲା ପର୍ଯ୍ୟବେକ୍ଷକ ଦେବ ଯୋଗଦେଇ ସମ୍ପ୍ରତି ସମଗ୍ର ବିଶ୍ୱ ଆଜି କୋଭିଡ୍ ପରିସ୍ଥିତିର ସୁପରିଚାଳନା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶଂସା କରୁଛନ୍ତି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଓଡ଼ିଶାର ୯୬ ଲକ୍ଷ ପରିବାରକୁ ବର୍ଷକୁ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ବ୍ୟବସ୍ଥା କରାଯାଇଛି ବୋଲି ଦଳର ଛାମୁଆ ସଙ୍ଗଠନର କର୍ମକର୍ତ୍ତାମାନେ ୱାର୍ଡ଼ସ୍ତରକୁ ଯାଇ ଲୋକଙ୍କୁ ବୁଝାଇବା ସହ ଲୋକମାନେ କିପରି ଏସବୁ ଯୋଜନା ବିଷୟରେ ସଚେତନ ହୋଇପାରିବେ ସେଥିପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଜିଲା ସଭାପତି ତଥା ପୂର୍ବତନ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ଲୋକାଭିମୁଖୀ ଜନକଲ୍ୟାଣକାରୀ ଯୋଜନାକୁ ତୃଣମୂଳସ୍ତରରେ କିପରି ପହଞ୍ଚାଇବା ସେ ଦିଗରେ ଗୁରୁତ୍ୱ ଦେବାକୁ ଉପସ୍ଥିତ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଦଳୀୟ ସଙ୍ଗଠନକୁ ୱାର୍ଡ଼ସ୍ତରରୁ ଜିଲାସ୍ତର ପର୍ଯ୍ୟନ୍ତ ସୁଦୃଢ଼ କରିବାକୁ ବୈଠକରେ ଉପସ୍ଥିତ ନେତୃତ୍ୱମାନେ ଆହ୍ୱାନ ଦେଇଥିଲେ। ବୈଠକରେ ସଦର ବ୍ଲକ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ପୂର୍ବତନ ନଗରପାଳ ଆଲୋକ କୁମାର ସାହୁ, ପୂର୍ବତନ ଉପନଗରପାଳ ମନୋଜ କୁମାର ରାଉତ, ଦଳର ବରିଷ୍ଠ ନେତୃତ୍ୱ ତଥା ପୂର୍ବତନ ବ୍ରିଟ୍ ଅଧ୍ୟକ୍ଷ ଗୌରୀ କୁମାର ରାଉତ, ବରଦା ପ୍ରସନ୍ନ ପଟ୍ଟନାୟକ, ଓଡ଼ଶା ମୋ ପରିବାର ଜିଲା ସଂଯୋଜକ ସାହିରୁଲ ହକ, ଜିଲା ଛାତ୍ର ସଭାପତି ସିମନ ଦାସ ମହାପାତ୍ର, ଜିଲା ଯୁବ ସଭାପତି ତାପସ ପରିଡ଼ା, ବ୍ଲକ ମହିଳା ସଭାପତି ଲିନା ସାହୁ, ଟାଉନ ମହିଳା ସଭାପତି ମିନା ମହାନ୍ତି, ଯୁବ ଟାଉନ ସଭାପତି ଉମାଶଙ୍କର ତିଆଡ଼ି, ଟାଉନ ଛାତ୍ର ସଭାପତି କୁଶଳ ଚାଟାର୍ଜିଙ୍କ ସହିତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ, ପୌର ପୂର୍ବତନ କାଉନ୍‌ସିଲର, ଦଳର ତୃଣମୂଳ ସମସ୍ତ ନେତୃବୃନ୍ଦ ଏବଂ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ବିଜେଡି କର୍ମୀ ବୈଠକରେ ଉପସ୍ଥିତ ନେତୃବର୍ଗ।

**ବିଜେଡି କର୍ମୀ ବୈଠକ**

## ଅବକାରୀ ବିଭାଗର ଅତର୍କିତ ଚଢ଼ାଉ

**ସଜନାଗଡ଼, ୨୮।୮(ଡି.ଏନ.ଏ.)**

ନୀଳଗିରିରେ ଚୋରା ମଦ ବେପାରୀମାନେ ସକ୍ରିୟ ହୋଇପଡିଛନ୍ତି। ଅବକାରୀ ବିଭାଗ ପକ୍ଷରୁ ଶନିବାର ଅତର୍କିତ ଭାବେ ଚଢ଼ାଉ କରାଯାଇ ବିପୁଳ ପରିମାଣରେ ପୋଚ ଜବତ କରିଛି । ବାଲେଶ୍ୱର ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ନୀଳଗିରି ଅବକାରୀ ବିଭାଗ ଅଧିକାରୀ ନାରାୟଣ ବେହେରା ନେତୃତ୍ୱରେ ଏହି ଚଢ଼ାଉ ହୋଇଥିଲା। ନୀଳଗିରି ଅଞ୍ଚଳର ସିଆଡ଼ିମାଳ ପଞ୍ଚାୟତ ଅଧୀନ ବାବନ୍ଧ, ସିଆଡ଼ିମାଳ ଓ କଦମଶୂଳ ଗ୍ରାମରୁ ୮୮୦୦ ଲିଟର ପୋଚ ଜବତ କରି ସେଗୁଡ଼ିକୁ ନଷ୍ଟ କରିଦେଇଛନ୍ତି। ଘଟଣାସ୍ଥଳରୁ ମଦଭାଟିର ମାଲିକ ଏବଂ କର୍ମଚାରୀମାନେ ଫେରାର ହେବାରେ ସକ୍ଷମ ହୋଇଛନ୍ତି। ଚଢ଼ାଉରେ ନୀଳଗିରି ଅବକାରୀ ଓଆଇସି ଜୟନ୍ତୀ ଆଚାର୍ଯ୍ୟ, ଏଏସ୍‌ଆଇ ପ୍ରହ୍ଲାଦ ବିଶ୍ୱାଳ, କନେଷ୍ଟବଳ ପ୍ରମୁଖ ସାମିଲ ଥିଲେ।

## ପାଣିରେ ବୁଡ଼ି ଚାଲିଗଲା ୨ ଜୀବନ

**ସୋର, ୨୮।୮(ଡି.ଏନ୍.ଏ)**

ବାଲେଶ୍ୱର ଜିଲା ସୋର ଥାନା ଅଞ୍ଚଳରେ ଶନିବାର ପାଣିରେ ବୁଡି ଦୁଇଟି ଜୀବନ ଯାଇଛି। ଶିଙ୍ଗାଖୁଣ୍ଟା ପଞ୍ଚାୟତ ବନ୍ଧସାହି ଗ୍ରାମର ସ୍ୱର୍ଗତ ଜଇନ ସିଂଙ୍କ ସ୍ତ୍ରୀ ଫକ (୪୦) ପଞ୍ଚାୟତ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ଗୋଡ଼ ଖସିଯିବାରୁ ସେ ବୁଡିଯାଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ବହୁ ଖୋଜାଖୋଜି କରିବା ପରେ ଫକଙ୍କ ମୃତଦେହକୁ ଉଦ୍ଧାର କରିଥିଲେ। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଗୋପୀନାଥପୁର ପଞ୍ଚାୟତ ବାଘଆମ୍ବୁଡ଼ା ଗ୍ରାମର କୈଳାସ ସିଂଙ୍କ ସ୍ତ୍ରୀ ମମତା ତାଙ୍କ ପିଲାମାନଙ୍କୁ ଧରି ବାପଘର ଦନ୍ତୁର ଝରଣୂଳକୁ ଯାଇଥିଲେ। ଦ୍ୱିପ୍ରହରେ ସମସ୍ତେ ଶୋଇଥିବା ବେଳେ ତାଙ୍କ ୩ ବର୍ଷର ପୁଅ ବାଦଲ ଅନ୍ୟ ପିଲାମାନଙ୍କ ସହ ଗାଧୋଇବାକୁ ଯାଇଥିଲେ। ସେଠାରେ ବାଦଲଙ୍କ ଗୋଡ଼ ଖସିଯିବାରୁ ସେ ବୁଡ଼ି ଯାଇଥିଲେ। ଅନ୍ୟ ପିଲାମାନେ ଘରେ ଖବର ଦେବା ପରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

